# ନିଜ ରାଜ୍ୟକୁ ଫେରିଲେ ୧୬୪ ଶ୍ରମିକ

କଟକ,୨୨।୫/ଏନ୍ଏନ୍ଏସ୍ : କରୋନାଜନିତ ଲକ୍‌ଡାଉନ ଯୋଗୁଁ କଟକ ସହରରେ ଫସି ରହିଥିବା ବାହାର ରାଜ୍ୟର ୧୬୪ ଜଣ ଶ୍ରମିକଙ୍କୁ ଆଜି ସେମାନଙ୍କ ରାଜ୍ୟକୁ ପଠାଯାଇଛି । ଦୀର୍ଘ ଦିନ ହେବ ମର୍କତନଗର ଥାନା ଅନ୍ତର୍ଗତ କାଠଯୋଡି ବିହାର ବସ୍ତିରେ ପ୍ରାୟ ୨୫ ଜଣ ଶ୍ରମିକ ରହି ଦିନ ମଜୁରିଆ ଭାବେ କାମ କରୁଥିଲେ । ମାତ୍ର ଗତ ମାର୍ଚ୍ଚ ୨୨ତାରିଖ ପରଠାରୁ ଲକ୍‌ଡାଉନ ଯୋଗୁଁ ସେମାନେ କାମଧନ୍ଦା ନପାଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିଲେ । ଜିଲ୍ଲା ପ୍ରଶାସନ ଓ ମର୍କତନଗର ଥାନା ପକ୍ଷରୁ ସେମାନଙ୍କୁ ପ୍ରତିଦିନ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିଲା । ଆଜି ଡିସିପି ଅଖିଳେଶ୍ୱର ସିଂହ ଓ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ପ୍ରବାସୀ ଶ୍ରମିକମାନଙ୍କୁ ନିଜ ନିଜ ରାଜ୍ୟକୁ ପଠାଯାଇଛି । ମର୍କତନଗର ଥାନା ଆଇଆଇସି ରବୀନ୍ଦ୍ର ନାଥ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସନ୍ଧ୍ୟାରେ ଗୋଟିଏ ବସ ଯୋଗେ ପୁରୁଷ, ମହିଳା ଓ ଛୋଟ ପିଲାଙ୍କୁ ମିଶାଇ ମୋଟ ୨୫ ଜଣଙ୍କୁ ମଧ୍ୟପ୍ରଦେଶ ରାଜ୍ୟର ଉଜ୍ଜୈନ ସହରକୁ ପଠାଯାଇଥିଲା । ସେହିଭଳି ବିହାର ରାଜ୍ୟର ୩୪ ଜଣ, ଛତିଶଗଡ ୮, ପଶ୍ଚିମବଙ୍ଗ ୮୮, ଝାଡଖଣ୍ଡ ୮ ଓ ବାଲେଶ୍ୱର ଜିଲ୍ଲାକୁ ଜଣଙ୍କୁ ପଠାଯାଇଛି ।

